بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୦ ମାର୍ଚ୍ଚ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ହଜରତ ମସିହ ମଉଦ[ଅ.ସ]ଙ୍କର ବ୍ରହ୍ମଜ୍ଞାନ ସମ୍ପନ୍ନ ଶିକ୍ଷା ଆଲୋକରେ (ଜମାଅତକୁ ନିଜ) ଇହକାଳ ଓ ପରକାଳର ମଙ୍ଗଳ କାମନା କରିବାକୁ ଉପଦେଶ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱଲଦ୍ଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମୁଁ **ଇଦ୍‌ର ଖୁତ୍‌ବା** ଦେଇଛି । ତେଣୁକରି ବର୍ତ୍ତମାନ ମୁଁ ସଂକ୍ଷିପ୍ତ **ଖୁତ୍‌ବା** ଉପସ୍ଥାପନ କରିବି । ଏଥିପାଇଁ ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କର ଏକ ସନ୍ଦର୍ଭ ସଂଗ୍ରହ କରିଛି । ଯାହା ପ୍ରତି ଆମକୁ ସର୍ବଦା ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ । ହୁଜୁର[ଅ.ସ] କୁହନ୍ତି; ବିଶ୍ୱାସକାରୀର ସମ୍ପର୍କ ସଂସାର ସହିତ ଯେପରି ବ୍ୟାପକ ହୋଇଥାଏ ତାହା ସେହିପରି ତା'ର (ଆଧ୍ୟାତ୍ମିକ) ଉଚ୍ଚାସନ (ପ୍ରାପ୍ତି)ର ଆଧାର ଶିଳା ସିଦ୍ଧ ହୋଇଥାଏ । କାରଣ ସେଥିରେ ତାହାର ମୂଳ ଉଦ୍ଦେଶ୍ୟ କେବଳ ଧର୍ମ ହିଁ ନିହିତ ଥାଏ ।

ଏହି ପରିପ୍ରେକ୍ଷୀରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ସଂସାର ସହିତ ସମ୍ପର୍କ ମଧ୍ୟ ଏଥିସକାଶେ ଭଲ ହୋଇଥାଏ, କାରଣ ସେମାନଙ୍କ ମୂଳ ଲକ୍ଷ ଧର୍ମ ହୋଇଥାଏ । ଏହା ଜଣେ ବିଶ୍ୱାସକାରୀର ଚିହ୍ନ । ହୁଜୁର[ଅ.ସ] କହିଲେ; ଆଉ ସଂସାର, ତାହାର ଧନ, ଉଚ୍ଚପଦ ଓ ପ୍ରତିଷ୍ଠା ଆଦି ଧର୍ମର ସେବକ ପାଲଟି ଯାଇଥାଏ । ସୁତରାଂ ଅସଲ କଥା ଏହିକି ଯେ ସଂସାର ପ୍ରାପ୍ତି ତାହାର ଲକ୍ଷ ହୋଇ ନଥାଏ, ବରଂ ସଂସାର ଅର୍ଜନ କରିବାରେ ମୂଳ ଉଦ୍ଦେଶ୍ୟ ଧର୍ମ ହୋଇଥାଏ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ପ୍ରସଙ୍ଗ ପ୍ରତି ଗୁରୁତ୍ୱାରୋପ ପୂର୍ବକ ବ୍ୟାଖ୍ୟାତ୍ମକ ଆଲୋଚନା କରି ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସଂସାର ଅର୍ଜନ କରିବାରେ ମଧ୍ୟ ଏହି ଉଦ୍ଦେଶ୍ୟ ରହିବା ଉଚିତ୍ ଯେ, ଆମର ଧର୍ମ (ବିଶ୍ୱାସ) ଉନ୍ନତ ଓ ଉତ୍ତମ ହେଉ, ଆମକୁ ଧର୍ମ ସେବା କରିବାର ଅଛି । ସଂସାର ଅର୍ଜନ କରିବି ତ ତାହା ମଧ୍ୟ ଧର୍ମ ମାର୍ଗରେ ଅଗ୍ରଗତି କରିବା ସକାଶେ, ନା କି ଭୁଲ ଓ ଅସତ୍ କର୍ମ କରି ନିଜ ଇହ ତଥା ପରକାଳକୁ ନଷ୍ଟ କରିଦେବି । ବରଂ ନିଜ ପରକାଳ ଶରସ ସୁନ୍ଦର କରିବା ସକାଶେ ଆମକୁ ସଂସାର ଅର୍ଜନ କରିବାର ଅଛି ।

ହଜରତ ମସିହ ମଉଦ[ଅ.ସ] ଆହୁରି କହିଛନ୍ତି; ଏପରି ସଂସାର ଅର୍ଜନ କର ଯେ ତୁମେ ଧର୍ମର ସେବକ ପାଲଟି ଯିବ । ଯେପରି ମନୁଷ୍ୟ କୌଣସି ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ଯାତ୍ରା କରିବା ନିମନ୍ତେ ବାହନ ଓ ପାଥେୟ ନିଜ ସାଥିରେ ରଖିଥାଏ । ତେବେ ତାହାର ଅସଲ ଉଦ୍ଦେଶ୍ୟ ନିଜ ଲକ୍ଷ ସ୍ଥଳରେ ପହଞ୍ଚିବା ହୋଇଥାଏ । ନା କି ସେହି ବାହନ ଓ ରାସ୍ତାର ଆବଶ୍ୟକତା ଅସଲ ଉଦ୍ଦେଶ୍ୟ ।

ଏହି ଉପମାର ବିସ୍ତୃତ ବ୍ୟାଖ୍ୟା କରି ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯାତ୍ରା କରିବା ସମୟରେ ସେସମସ୍ତ ଜିନିଷ ଯାହା ଆମେ ସାଥିରେ ନେଇଥାଉ ତାହା ଯାତ୍ରା ସହଜ ଓ ସୁବିଧାରେ ସମ୍ପନ୍ନ ହେବା ସକାଶେ ଏବଂ ଉଦ୍ଦେଶ୍ୟ ଏହା ରହିଥାଏ ଯେ ଆମ ଯାତ୍ରା ଆରାମରେ ସମାପ୍ତ ହେଉ ଓ ଆମେ ଯେପରି ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଯିବା । ନା କି ଯାତ୍ରା ସମୟରେ ସେଥିରୁ ଆନନ୍ଦ ଉପଭୋଗ ପୂର୍ବକ ଆତ୍ମସନ୍ତୋଷ ଲାଭ କରିବା ।

ହୁଜୁର[ଅ.ସ] କହିଲେ; ଠିକ୍ ସେହିପରି ମନୁଷ୍ୟ ସଂସାର ପ୍ରାପ୍ତି କରୁ କିନ୍ତୁ ନିଜକୁ ଧର୍ମର ସେବକ ମନେକରି । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଆମମାନଙ୍କୁ ଏ ଯେଉଁ ଦୁଆ ଶିଖାଇଲେ ଯେ **ରବ୍‌ବନା ଆତିନା ଫିଦ୍‌ଦୁନିୟା ହ୍ୱସନତଉଁ ଓଫିଲ୍ ଆଖିରତେ ହ୍ୱସନତଉଁ ଓକିନା ଅଜାବନ୍ ନାର୍** ଅର୍ଥାତ୍ ହେ ଅଲ୍ଲାଃ ! ଆମକୁ ଇହଲୋକର କଲ୍ୟାଣ ପ୍ରଦାନ କରିବା ସହିତ ପରକାଳର କଲ୍ୟାଣ ବି ପ୍ରଦାନ କର । ଅଧିକନ୍ତୁ ହୁଜୁର[ଅ.ସ] କହିଲେ; ଆମମାନଙ୍କୁ ଅଲ୍ଲାଃତାଲାଙ୍କର ଏହି ଦୁଆ ଅର୍ଥାତ୍ **ରବ୍‌ବନା ଆତିନା ଫିଦ୍‌ଦୁନିୟା ହ୍ୱସନତଉଁ ଓଫିଲ୍ ଆଖିରତେ ହ୍ୱସନତଉଁ ଓକିନା ଅଜାବନ୍ ନାର୍** ଶିଖାଇବାରେ ଓ ସଂସାର (ଇହ ଜଗତ)କୁ ପ୍ରଥମେ ସ୍ଥାନ ଦେବାରେ କି ଯଥାର୍ଥ ରହିଛି ଏବଂ ଏଠାରେ ପ୍ରକୃତ ଉଦ୍ଦେଶ୍ୟ କେଉଁ ଜଗତ ?

ହଜରତ ମସିହ ମଉଦ[ଅ.ସ] କହିଲେ; **ହ୍ୱସନାତୁଦ୍ ଦୁନିୟା** ଅର୍ଥାତ୍ ଇହଜଗତର କଲ୍ୟାଣ ପରକାଳର କଲ୍ୟାଣ ପ୍ରାପ୍ତିର ଆଧାର ସାବ୍ୟସ୍ତ ହେଉ । ଏହି ପରିପ୍ରେକ୍ଷୀରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଆମମାନଙ୍କର ଧ୍ୟାନ କେନ୍ଦ୍ରିତ କରି କହିଲେ; ଏପରି ସଂସାର-ପ୍ରାପ୍ତି କର ଯାହାକି ପରକାଳରେ କୃତକାର୍ଯ୍ୟ ହେବାର କାରଣ ସିଦ୍ଧ ହେବ । ଏପରି ଜଗତର ସାମଗ୍ରୀ ଲାଭ ହେଉ ଯାହାକି ପରକାଳର କଲ୍ୟାଣ ପ୍ରାପ୍ତି ପାଇଁ ସହାୟକ ହେବ । ନା କି ଆମକୁ ପରକାଳରେ ଲଜ୍ଜିତ ହେବାର କାରଣ ହେବ । ଦେଖ ଯେତେବେଳେ ଜଣେ ସଂସାରରେ ଲିପ୍ତ ହୋଇଯାଏ ସେତେବେଳେ ତାହାକୁ ନିନ୍ଦିତ ଓ ଅପଦସ୍ତ ହେବାକୁ ପଡିଥାଏ ।

ଯୁଗାବତାର ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଏହି ଦୁଆରୁ ଏହି ଶିକ୍ଷା ସ୍ୱଷ୍ଟ ଭାବରେ ବୁଝା ପଡୁଅଛି ଯେ ବିଶ୍ୱାସକାରୀକୁ ସଂସାର-ପ୍ରାପ୍ତିରେ **ହ୍ୱସନାତୁଲ୍ ଆଖିରା** ପ୍ରତି ଧ୍ୟାନ ରଖିବା ଉଚିତ୍ । ଏଥି ସହିତ **ହ୍ୱସନାତୁଦ୍ ଦୁନିୟା** ଶବ୍ଦରେ ସେ ସମସ୍ତ ଉତ୍ତମ ପରିପନ୍ଥା **ହ୍ୱସନାତୁଦ୍ ଦୁନିୟା** ଶବ୍ଦରେ ଅନ୍ତର୍ଭୁକ୍ତ । ଯାହାକି ଜଣେ ବିଶ୍ୱାସକାରୀ ମୁସଲମାନ ସଂସାର-ପ୍ରାପ୍ତି ନିମନ୍ତେ ଗ୍ରହଣ କରିବା ଉଚିତ୍ । ସଂସାରକୁ ପ୍ରତ୍ୟେକ ସେହି ପନ୍ଥା ଦ୍ୱାରା ହାସଲ କର, ଯାହା ଅବଲମ୍ବନ କରିବା ଦ୍ୱାରା ହିତ ଓ ମଙ୍ଗଳ ସାଧନ ହେବ । ନା କି ସେହି ପଦ୍ଧତି ଯାହାକି ଅନ୍ୟକୁ ଅର୍ଥାତ୍ ମାନବ ସମାଜକୁ କଷ୍ଟ ପହଞ୍ଚାଇବାର କାରଣ ସାବ୍ୟସ୍ତ ହେବ । ନା କି ଏକପ୍ରକାର ପ୍ରଜାତିରେ କୌଣସି ପ୍ରକାର ବିତୃଷ୍ଣା ଓ ଲଜ୍ଜାର କାରଣ ହେବ । ଏପରି ସଂସାର-ପ୍ରାପ୍ତି ନିଃସନ୍ଦେହ ରୂପେ **ହ୍ୱସନାତୁଲ୍ ଆଖିରା** ପ୍ରାପ୍ତିର କାରଣ ହେବ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏଥିପ୍ରତି ଧ୍ୟାନ ଆକର୍ଷିତ କରି କହିଲେ; ଏପରି ସଂସାର-ପ୍ରାପ୍ତି କର ଯହିଁରୁ କେବଳ ତୁମର ମଙ୍ଗଳ ଓ ଉପକାର ହେବ ନାହିଁ, ବରଂ ସକଳ ମାନବ ସମାଜର ମଧ୍ୟ ହିତ ସାଧନ ହେବ । ସଂସାରରେ ତୁମ ଦ୍ୱାରା ଏପରି କାର୍ଯ୍ୟ ନହେଉ, ଯାହାକି ତୁମକୁ ଲଜ୍ଜିତ କରିବାର କାରଣ

ହେବ । ତୁମ ବଂଶ ଓ ତୁମ ନିକଟ ସମ୍ପର୍କୀୟ ପାଇଁ ଲଜ୍ଜାର କାରଣ ହେବ । ଏହା ପରିବର୍ତ୍ତେ ଏକ ପବିତ୍ର ଓ ସାର୍ଥକ ଜୀବନ (ଲାଭ) ହେଉ, ପୁଣ୍ୟ ଓ ଧର୍ମପରାୟଣ ଉପରେ ପ୍ରତିଷ୍ଠିତ ଜୀବନ ଲାଭ ହେବ ଏବଂ ଯେତେବେଳେ ଏପରି ଜୀବନ ଲାଭ ହେବ ଓ ତୁମେ ଏପରି ସଂସାର ଅର୍ଜନ କରିବା ପାଇଁ ନିଜ ଜୀବନ ଅତିବାହିତ କରିବ ତେବେ ତାହା ତୁମର ଇହ ଓ ପରକାଳ ଉଭୟଙ୍କୁ କୃତକାର୍ଯ୍ୟ କରିଦେବ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସୁତରାଂ ଆଜି ଯେତେବେଳେ ଏହି ବିଶ୍ୱ ସାଧାରଣତଃ ନିଜ ଆଶା, ଅଭିଳାଷା ଓ ସ୍ୱାର୍ଥ ହାସଲ କରିବାରେ ନିମର୍ଜିତ ରହିଛନ୍ତି ଓ ବ୍ୟକ୍ତିଗତ ସ୍ୱାର୍ଥକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି । ଯଦି ଧର୍ମ ପ୍ରତି ଦୃଷ୍ଟି ନିକ୍ଷେପ କରାଯାଏ ତେବେ (ଲୋକମାନଙ୍କୁ) କେବଳ ନିଜ ଧର୍ମର ଚିନ୍ତା ଲାଗି ରହିଛି, ମାନବଜାତିର ନୁହେଁ । ସେଥିରେ ମାତି ଏହି ଲୋକମାନେ ନିଜର ସର୍ବନାଶ କରିବାରେ ଲାଗିଛନ୍ତି । ଏପରି ଉକ୍ଟ ପରିସ୍ଥିତିରେ ଆମମାନଙ୍କୁ ନିଜ ପରାକ୍ରମୀ ଅଲ୍ଲାଃଙ୍କ ଛାମୁରୁ ନିଜ ଇହକାଳ ଓ ପରକାଳର ମଙ୍ଗଳ କାମନା କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ଆଉ ଏଥିପ୍ରତି ବିଶେଷ ମନୋଯୋଗ କରିବା ଆବଶ୍ୟକ । ଯଦ୍ଦ୍ୱାରା ଆମେ ନିଜ ଇହକାଳ ଓ ପରକାଳର ବିପତ୍ତିରୁ ସୁରକ୍ଷିତ ରହିପାରିବା । ଦେଖ ସଂସାର ବିନାଶଭିମୂଖୀ ହୋଇଚାଲିଛି, ଯେପରିକି ମୁଁ କହିଲି; ସେଥିରୁ କେବଳ ସର୍ବଶକ୍ତିମାନ ଅଲ୍ଲାଃ ହିଁ ଆମମାନଙ୍କୁ ରକ୍ଷା କରିପାରିବେ ।

ଅଲ୍ଲାଃତାଲା ଆମମାନଙ୍କୁ ନିଜର କର୍ମ ଉନ୍ନତରୁ ଉନ୍ନତ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏଥିପାଇଁ ମଧ୍ୟ ଦୁଆ କରିବାକୁ ସାମର୍ଥ୍ୟ ଲାଭ ହେଉ । ଯେପରିକି କିଛି ସମୟ ପୂର୍ବରୁ ମୁଁ **ଇଦ୍ ଖୁତ୍‌ବା**ରେ କହିଥିଲି ଯେ, ଅଲ୍ଲାଃତାଲା ଆମମାନଙ୍କୁ ବାସ୍ତବପକ୍ଷେ ସେହି କଲ୍ୟାଣ ପ୍ରାପ୍ତ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆଉ ଆମମାନଙ୍କୁ ଉତ୍ତମ ଦୁଆ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ତାହାକୁ ସ୍ୱୀକାର ବି କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

20th March 2026

*Translated to Odia by :* Moulavi Anwar Ahmad Khan